# **Video 2 –**This video is a conversation between Tiki Mausi and the elected representatives in Odisha about the responsibilities of ward members, GP, Panchayat Samiti and Zilla Parishad.

[00:32] -Mausi
Namaskar, we all know how important Water, sanitation and hygiene services are to the growth and betterment of our villages. Safe drinking-water, sanitation and hygiene are crucial to human health and well-being. Safe water, sanitation, and hygiene are necessary for our health, livelihood, education, dignity and overall healthy environment.

ନମସ୍କାର, ଆମ ଗାଁର ଅଭିବୃଦ୍ଧି ଏବଂ ଉନ୍ନତି ପାଇଁ ଜଳ, ପରିମଳ ଓ ସ୍ୱଚ୍ଛତା ସେବା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆମେ ସମସ୍ତେ ଜାଣୁ | ନିରାପଦ ପାନୀୟ ଜଳ, ପରିମଳ ଓ ସ୍ୱଚ୍ଛତା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ | ଆମର ସ୍ୱାସ୍ଥ୍ୟ, ଜୀବିକା, ଶିକ୍ଷା, ସମ୍ମାନ ଏବଂ ସାମଗ୍ରିକ ସୁସ୍ଥ ପରିବେଶ ପାଇଁ ନିରାପଦ ଜଳ, ପରିମଳ ଓ ସ୍ୱଚ୍ଛତା ଆବଶ୍ୟକ |

[00:42] – Gopi, Sarpanch
Is this why our national and state governments have launched schemes like Swachh Bharat Mission, BASUDHA, and Jal Jeevan Mission?

ତାହାଲେ କ’ ଣ ଏଥିପାଇଁ ଆମର କେନ୍ଦ୍ର ତଥା ରାଜ୍ୟ ସରକାର ସ୍ୱଚ୍ଛ ଭାରତ ମିଶନ, ବସୁଧା ଏବଂ ଜଳ ଜୀବନ ମିଶନ ଭଳି ଯୋଜନା ଆରମ୍ଭ କରିଛନ୍ତି କି?

[00.50] – Sulekha, Sarpanch
Yes Gopi. As Tiki mausi said, to ensure that every house in our village has access to safe water, and sanitation services.

ହଁ ଗୋପୀ ! ଯେପରି ଟିକି ମାଉସୀ କହିଛନ୍ତି, ଆମ ଗାଁର ପ୍ରତ୍ୟେକ ଘରକୁ ସୁରକ୍ଷିତ ଜଳ ଓ ପରିମଳ ସେବା ଯୋଗାଇବା ।

[01:03] -Mausi
Also, the 15th Finance Commission recommends that 60% of the funds allocated to rural local bodies be used towards water and sanitation services.

ଏଥିସହ ଗ୍ରାମୀଣ ଅଞ୍ଚଳକୁ ଆବଣ୍ଟିତ ପାଣ୍ଠିର 60% ଜଳ ଓ ପରିମଳ ସେବାରେ ବ୍ୟବହାର କରିବାକୁ 15 ତମ ଅର୍ଥ ଆୟୋଗ ସୁପାରିଶ କରିଛନ୍ତି ।

[01:11] – Sulekha, Sarpanch
I think, it is the time for each of us to come together as one unit and work towards the realisation of this vision.

ମୁଁ ଭାବୁଛି, ଆମେ ସମସ୍ତେ ଏକତ୍ରିତ ଭାବରେ, ଏହି ସ୍ୱପ୍ନକୁ ବାସ୍ତବରୂପ ଦେବାପାଇଁ ଏକାଠି ହୋଇ କାମ କରିବା |

[01:23] -Mausi

Yes, we all have a critical role in ensuring that water and sanitation facilities remain functional and accessible to all, forever.

ହଁ, ଜଳ ଓ ପରିମଳ ସୁବିଧାକୁ ସବୁଦିନ ପାଇଁ କାର୍ଯ୍ୟକ୍ଷମ ଏବଂ ଉପଲବ୍ଧ କରାଇବାରେ ଆମର ସମସ୍ତଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି |

[01:34] – Gopi, Sarpanch

Is this the responsibility of all of us elected representatives - ward members, GP, Panchayat Samiti and Zilla Parishad – to ensure this?

ତେବେ ଏହାକୁ ନିଶ୍ଚିତ କରାଇବା କ'   ଣ ଆମ ସମସ୍ତ ମନୋନୀତ ପ୍ରତିନିଧି ଯଥା; ୱାର୍ଡ ସଦସ୍ୟ, ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦଙ୍କର ଦାୟିତ୍ୱ କି ?

[03:23] -Mausi

Yes, let us see all the responsibilities.

In terms of WATER:

1. Ensure that everyone has access to drinking water
2. Ensure that the quality of water meets the approved standards.
3. Prevent unauthorised water connections as they may compromise the quality of water and also affect the service level.
4. Work towards conservation of water.

In terms of SANITATION:

a) Ensure that everyone has access to and uses a toilet
b) Ensure safe management of solid and liquid waste

OVERALL,

1. Ensure that the water and sanitation facilities remain functional and the services sustainable.
2. For this, conduct regular maintenance of the community assets such as pipe water line, overhead tank, toilets in schools, toilets in public places, and so on.
3. Allocate budgets for maintenance expenditures– both minor and major.
4. Collect tariffs for maintenance
5. Elicit cooperation of the entire community towards ensuring safe water, sanitation and hygiene services for everyone.

ହଁ, ତେବେ ଚଲାନ୍ତୁ ଆମ ଦାୟିତ୍ୱ କ'   ଣ ଜାଣିବା |
ପ୍ରଥମେ ଜଳ ସମ୍ପର୍କରେ ଜାଣିବା:
କ)ଯେପରି ସମସ୍ତେ ପାନୀୟ ଜଳ ପାଇପାରୁଥିବେ  |
ଖ)ଜଳର ଗୁଣବତ୍ତା ଅନୁମୋଦିତ ମାନଦଣ୍ଡ ହିସାବରେ ପୂରଣ ହେଉଥିବ |
ଗ) ଅନଧିକୃତ ଜଳ ସଂଯୋଗକୁ ରୋକିବା କାରଣ ସେମାନେ ଜଳର ଗୁଣବତ୍ତାକୁ ହାନି କରିପାରନ୍ତି ଏବଂ ସେବା ସ୍ତରକୁ ମଧ୍ୟ ପ୍ରଭାବିତ କରିପାରନ୍ତି |
ଘ) ଜଳ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା |

ଏବେ ପରିମଳ ସମ୍ପର୍କରେ ଜାଣିବା:

କ) ଯେପରି ସମସ୍ତଙ୍କର ଶୌଚାଳୟ ଥିବ ଓ ବ୍ୟବହାର ହେଉଥିବ ତାହାକୁ ସୁନିଶ୍ଚିତ କରିବା ।

ଖ) କଠିନ ଏବଂ ତରଳ ବର୍ଜ୍ୟବସ୍ତୁର ନିରାପଦ ପରିଚାଳନାକୁ ନିଶ୍ଚିତ କରିବା |

ଅର୍ଥାତ ମୋଟାମୋଟି ଭାବରେ,

କ)ଯେପରି ଜଳ ଓ ପରିମଳ ସୁବିଧା କାର୍ଯ୍ୟକ୍ଷମ ଏବଂ ନିରନ୍ତର ହେବ ତାହା ନିଶ୍ଚିତ କରିବା |

ଖ) ଏଥିପାଇଁ ଗୋଷ୍ଠୀ ସମ୍ପତ୍ତିର ନିୟମିତ ରକ୍ଷଣାବେକ୍ଷଣ କରିବା ଯେପରିକି ପାଇପ୍ ୱାଟର ଲାଇନ, ଓଭରହେଡ୍ ଟ୍ୟାଙ୍କ, ବିଦ୍ୟାଳୟରେ ଶୌଚାଳୟ, ସର୍ବସାଧାରଣ ସ୍ଥାନରେ ଶୌଚାଳୟ ଇତ୍ୟାଦି |

ଗ) ରକ୍ଷଣାବେକ୍ଷଣ ଖର୍ଚ୍ଚ ନିମନ୍ତେ- ଉଭୟ ଛୋଟ ଓ ବଡ କାର୍ଯ୍ୟ ପାଇଁ ବଜେଟ୍ ପ୍ରସ୍ତୁତ କରିବା |

ଘ) ଏବଂ ଶୁଳ୍କ ଆଦାୟ କରିବା|

ଙ) ସମସ୍ତଙ୍କ ପାଇଁ ନିରାପଦ ଜଳ, ପରିମଳ ଓ ସ୍ୱଚ୍ଛତା ସେବା ନିଶ୍ଚିତ କରିବା ଦିଗରେ ସମଗ୍ର ଗୋଷ୍ଠୀକୁ ଉପଯୁକ୍ତ ସହଯୋଗ କରିବା |

[03:36] – Sulekha, Sarpanch

Now we all know our roles. It is crucial that we step up and do our part.

ବର୍ତ୍ତମାନ ଆମେ ସମସ୍ତେ ଆମର ଭୂମିକା କ'ଣ ଜାଣିଲେ | ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେଥିପାଇଁ ଆମକୁ ଆଗକୁ ବଢିବାକୁ ହେବ ଏବଂ ନିଜ ନିଜ ଦାୟୀତ୍ୱ ତୁଲାଇବାକୁ ପଡ଼ିବ ।

[03:57] -Mausi

Yes. This is our chance to come together and work towards fulfilling our role as people's representatives.
It is time to make our WASH problems history…make our environment healthy and have a thriving community.

ହଁ ଏହା ଆମ ପାଇଁ ଏକ ସୁଯୋଗ ଯେ ଆମେ ଏକତ୍ରିତ ହୋଇ ଲୋକଙ୍କ ପ୍ରତିନିଧୀ ଭାବରେ ଆମର ଦାୟୀତ୍ୱ ତୁଲାଇବା ଦିଗରେ କାର୍ଯ୍ୟ କରିବା|
ବର୍ତ୍ତମାନ ୱାଶ୍ କାର୍ଯ୍ୟରେ ଇତିହାସ ରଚିବାର ସମୟ ଆସିଛି ... ଆମ ପରିବେଶକୁ ସୁସ୍ଥ ରଖିବା ଏବଂ ଏକ ସମୃଦ୍ଧ ଗୋଷ୍ଠୀ ଗଠନ କରିବା |